# Official Spokesperson's response to media queries on China’s Land Boundary Law

October 27, 2021

## ଚୀନର ଭୂମି ସୀମା ଆଇନ ଉପରେ ଗଣମାଧ୍ୟମର ପ୍ରଶ୍ନକୁ ନେଇ ସରକାରୀ ମୁଖପାତ୍ରଙ୍କ ପ୍ରତିକ୍ରିୟା

**ଅକ୍ଟୋବର 27, 2021**

**ଚୀନର ଭୂମି ସୀମା ଆଇନ ଉପରେ ଗଣମାଧ୍ୟମ ପ୍ରଶ୍ନର ଉତ୍ତରରେ ସରକାରୀ ମୁଖପାତ୍ର ଶ୍ରୀ ଅରିନ୍ଦମ ବାଗଚି କହିଛନ୍ତି:**

"ଆମେ ଅବଗତ ଯେ ଚୀନ 23 ଅକ୍ଟୋବର 2021 ରେ ଏକ ନୂତନ "ଭୂମି ସୀମା ଆଇନ" ପ୍ରଣୟନ କରିଛି। ଏହି ଆଇନରେ ଅନ୍ୟ ବିଷୟ ମଧ୍ୟରେ ଏହା ଦର୍ଶାଯାଇଛି ଯେ ଚୀନ ବିଦେଶୀ ରାଷ୍ଟ୍ର ସହିତ କିମ୍ବା ମିଳିତ ଭାବେ ହୋଇଥିବା ଭୂମି ସୀମା ସମ୍ବନ୍ଧୀୟ ଚୁକ୍ତିନାମାକୁ ପାଳନ କରେ। ସୀମାବର୍ତ୍ତୀ ଅଞ୍ଚଳରେ ଜିଲ୍ଲାଗୁଡ଼ିକର ପୁନର୍ଗଠନ କାର୍ଯ୍ୟ କରିବାକୁ ମଧ୍ୟ ଏହି ଆଇନରେ ବ୍ୟବସ୍ଥା ରହିଛି।

ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଭାରତ ଏବଂ ଚୀନ ସୀମା ବିବାଦର ଏପର୍ଯ୍ୟନ୍ତ ସମାଧାନ କରିନାହାଁନ୍ତି। ମିଳିତ ପଦକ୍ଷେପ ନେଇ ବିଚାର ବିମର୍ଷ ମାଧ୍ୟମରେ ସୀମା ବିବାଦର ଏକ ଯଥାର୍ଥ, ଯୁକ୍ତିଯୁକ୍ତ ଏବଂ ପାରସ୍ପରିକ ଗ୍ରହଣୀୟ ସମାଧାନ ଖୋଜିବାକୁ ଉଭୟ ପକ୍ଷ ସହମତ ହୋଇଛନ୍ତି। ଭାରତ-ଚୀନ ସୀମାଞ୍ଚଳରେ ବାସ୍ତବିକ ନିୟନ୍ତ୍ରଣ ରେଖା ନିକଟରେ ଶାନ୍ତି ଏବଂ ସ୍ଥିରତା ବଜାୟ ରଖିବା ପାଇଁ ଆମେ ଅନେକ ଦ୍ୱିପାକ୍ଷିକ ଚୁକ୍ତିନାମା, ପ୍ରୋଟୋକଲ ଏବଂ ବ୍ୟବସ୍ଥା ମଧ୍ୟ କରିଛୁ।

ଏହି ପରିପ୍ରେକ୍ଷୀରେ ଏକ ଆଇନ ପ୍ରଣୟନ କରିବାକୁ ଚୀନର ଏକପାଖିଆ ନିଷ୍ପତ୍ତି ସୀମା ପରିଚାଳନା ତଥା ସୀମା ବିବାଦ ଉପରେ ଆମର ଦ୍ୱିପାକ୍ଷିକ ବ୍ୟବସ୍ଥା ଉପରେ ପ୍ରଭାବ ପକାଇପାରେ। ଏଭଳି ଏକପାଖିଆ ପଦକ୍ଷେପ ଉଭୟ ପକ୍ଷ ମଧ୍ୟରେ ସୀମା ବିବାଦକୁ ନେଇ ତଥା ଭାରତ-ଚୀନ ସୀମାଞ୍ଚଳରେ ବାସ୍ତବିକ ନିୟନ୍ତ୍ରଣ ରେଖା ନିକଟରେ ଶାନ୍ତି ଏବଂ ସ୍ଥିରତା ବଜାୟ ରଖିବା ପାଇଁ ପୂର୍ବରୁ ହୋଇଥିବା ବ୍ୟବସ୍ଥା ଉପରେ କୌଣସି ପ୍ରଭାବ ପକାଇବ ନାହିଁ। ଆମେ ମଧ୍ୟ ଆଶା କରୁଛୁ ଯେ ଏହି ଆଇନ ଆଳରେ ଚୀନ ଭାରତ-ଚୀନ ସୀମାଞ୍ଚଳରେ ସ୍ଥିତିକୁ ଏକପାଖିଆ ଭାବରେ ବଦଳାଇବାକୁ କୌଣସି କାର୍ଯ୍ୟାନୁଷ୍ଠାନ କରିବାରୁ ନିବୃତ ରହିବ।

ଆହୁରିମଧ୍ୟ ଏହି ନୂତନ ଆଇନ ଆମ ଦୃଷ୍ଟିରେ 1963 ର ତଥାକଥିତ ଚୀନ ପାକିସ୍ତାନ ସୀମା ଚୁକ୍ତିନାମାକୁ କୌଣସି ବୈଧତା ପ୍ରଦାନ କରେ ନାହିଁ ଯାହାକୁ ଭାରତ ସରକାର ଲଗାତାର ଭାବରେ ଏକ ବେଆଇନ ଏବଂ ଅବୈଧ ଚୁକ୍ତି ବୋଲି କହିଆସୁଛନ୍ତି।"

**ନୂଆଦିଲ୍ଲୀ**

**ଅକ୍ଟୋବର 27, 2021**

DISCLAIMER: This is an approximate translation. The original is available in English on MEA’s website and may be referred to as the official press release.